# NATIONAL NEWS BULLETIN (ODIA)

## 14 November - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଜନଜାତୀୟ ଗୌରବ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ରାତି ୮ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ।
- ବିହାରର ଜାମୁଇଠାରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ସମ୍ବିଧାନରୁ ଧର୍ମନିରପେକ୍ଷତାକୁ ପ୍ରତ୍ୟାହାର କରିବା ନେଇ ବାଂଲାଦେଶ ହାଇକୋର୍ଟରେ ପକ୍ଷ ରଖିଲେ ମଧ୍ୟବର୍ତ୍ତୀକାଳୀନ ସରକାର ।
- ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ସ୍ମୃତିରେ ଆସନ୍ତାକାଲି ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମା ସହ ପାଳନ କରାଯିବ ବୋଇତ ବନ୍ଦାଣ ଉତ୍ସବ ।

ଏବଂ

- ମହିଳା ଏସିଆନ୍ ହକି ଚାମ୍ପିଅନସିପ୍‌ର ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେଲା ଭାରତ

# ପ୍ରେଜ୍‌-ଜନଜାତୀୟ ଗୌରବ ଦିବସ

ଜନଜାତୀୟ ଗୌରବ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ରାତି ୮ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ। ଆକାଶବାଣୀ ଦିଲ୍ଲୀ, ଇନ୍ଦ୍ରପ୍ରସ୍ଥ ଓ ଆକାଶବାଣୀ ଲାଇଭ୍ ନ୍ୟୁଜ୍ ୨୪ ଘଣ୍ଟିଆ ଚ୍ୟାନେଲ, ଏଫ୍.ଏମ୍.ଗୋଲ୍ଡ ଏବଂ ଏଫ୍.ଏମ୍.ରେନ୍‌ବୋ ଚ୍ୟାନେଲରେ ଏହାର ପ୍ରସାରଣ କରାଯିବ। ଆସନ୍ତାକାଲି ସକାଳ ୮ଟା ୪୫ ମିନିଟ୍ ଏବଂ ଅପରାହ୍ନ ୫ଟା ୩୦ରେ ସମସ୍ତ ପ୍ରାଥମିକ ଚ୍ୟାନେଲ, ସ୍ଥାନୀୟ ରେଡିଓ ଷ୍ଟେସନ୍ ଏବଂ ଆକାଶବାଣୀର ଏଫ୍.ଏମ୍.ଗୋଲ୍ଡ ଏବଂ ଏଫ୍.ଏମ୍. ରେନ୍‌ବୋ ନେଟୱର୍କର ସମସ୍ତ ଚ୍ୟାନେଲରେ ରାଷ୍ଟ୍ରପତିଙ୍କ ବାର୍ତ୍ତା ପୁନଃ ପ୍ରସାରଣ କରାଯିବ।

# ପିଏମ୍-ଜନଜାତୀୟ ଗୌରବ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିହାରର ଜାମୁଇ ଠାରେ ଆୟୋଜିତ ହେବାକୁ ଥିବା ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସମଗ୍ର ଦେଶରେ ଆସନ୍ତାକାଲି ଜନଜାତୀୟ ଗୌରବ ଦିବସ ପାଳନ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନାର୍ଥେ ଏକ ସ୍ମାରକ ମୁଦ୍ରା ଏବଂ ଡାକଟିକଟ ଉନ୍ମୋଚନ କରିବେ ।

ଶ୍ରୀ ମୋଦୀ ଆଦିବାସୀ ସଂପ୍ରଦାୟଙ୍କ ବିକାଶ ତଥା ଦୁର୍ଗମ ଅଞ୍ଚଳରେ ଭିତ୍ତିଭୂମି ଉନ୍ନତି ଲାଗି ୬ ହଜାର ୬୪୦ କୋଟିରୁ ଅଧିକ ଟଙ୍କାର କେତେଗୁଡ଼ିଏ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହାଅଭିଯାନ ଅଧୀନରେ ନିର୍ମିତ ୧୧ ହଜାର ଆବାସ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଯୋଗଦେବେ। ଏହି ଅଭିଯାନ ଅଧୀନରେ ୨୩ଟି ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ଏବଂ ଧର୍ତ୍ତି ଆବା ଜନଜାତୀୟ ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୩୦ଟି ଅତିରିକ୍ତ ଭ୍ରାମ୍ୟମାଣ୍ୟ ମେଡିକାଲ ୟୁନିଟ୍‌ର ମଧ୍ୟ ଉଦଘାଟନ କରିବେ।  ଆଦିବାସୀ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ସହ ଜୀବିକା ସହାୟତା ଲକ୍ଷ୍ୟରେ ୩୦୦ଟି ବନଧନ ବିକାଶ କେନ୍ଦ୍ର ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ୧୦ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ମଧ୍ୟପ୍ରଦେଶର ଛିନ୍ଦ୍‌ୱାଡ଼ା ଏବଂ ଜବଲପୁରରେ ଦୁଇଟି ଆଦିବାସୀ ସ୍ୱାଧୀନତା ସଂଗ୍ରହାଳୟ, ଜାମ୍ମୁ-କାଶ୍ମୀର ଶ୍ରୀନଗର ଏବଂ ସିକ୍କିମର ଗ୍ୟାଙ୍ଗଟକ୍‌ରେ  ଦୁଇଟି ଆଦିବାସୀ ଗବେଷଣା ପ୍ରତିଷ୍ଠାନର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ। ଆଦିବାସୀ ଅଞ୍ଚଳରେ ସଡ଼କ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟରେ ୫୦୦ କିଲୋମିଟର

ସଡ଼କ ପଥ ଏବଂ ୧୦୦ଟି ବହୁମୁଖୀ କେନ୍ଦ୍ରର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି। ଆକାଶବାଣୀ ଦିଲ୍ଲୀ ଏବଂ ଏହାର ଏଫ୍.ଏମ୍.ଗୋଲ୍ଡ, ଇନ୍ଦ୍ରପ୍ରସ୍ଥ ଏବଂ ଆକାଶବାଣୀ ଲାଇଭ୍ ନ୍ୟୁଜ୍ ୨୪ ଘଣ୍ଟିଆ ଚ୍ୟାନେଲରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ।

ଦେଶର ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଅବଦାନକୁ ସମ୍ମାନ ଜଣାଇବା ସହ ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିବର୍ଷ ନଭେମ୍ବର ୧୫ ତାରିଖରେ ଦେଶରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଥାଏ।

# ଭିପି- ପୁଷ୍କର ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଦେଶରେ କୃଷକଙ୍କ ମଧ୍ୟରେ କେହି ବିଭାଜନ ସୃଷ୍ଟି କରିପାରିବେ ନାହିଁ। ଦେଶପ୍ରୀତିରେ କୃଷକଙ୍କର ଐକ୍ୟବଦ୍ଧତା ଅତୁଳନୀୟ ବୋଲି ସେ କହିଛନ୍ତି। ଆଜ୍‌ମେର ନିକଟ ପୁଷ୍କରଠାରେ ୧୦୫ତମ ଜାତୀୟ ଜାଠ୍ ସମ୍ମିଳନୀକୁ ସମ୍ବୋଧନ କରି ଉପରାଷ୍ଟ୍ରପତି ଏହା କହିଛନ୍ତି। ଯୁବବର୍ଗଙ୍କୁ ସଠିକ୍ ମାର୍ଗଦର୍ଶନ କରିବା ପାଇଁ ଶ୍ରୀ ଧନଖଡ଼ କୃଷକଙ୍କୁ ପରାମର୍ଶ ଦେଇଛନ୍ତି। କୃଷିଜାତ ଦ୍ରବ୍ୟର କାରବାର ଏବଂ ବଜାର ସୁବିଧା ପାଇଁ ସହଯୋଗ ପ୍ରଦାନ

କରିବାକୁ ଉପରାଷ୍ଟ୍ରପତି କୃଷକଙ୍କୁ ଆହ୍ୱାନ ଦେଇଛନ୍ତି। ପୁଷ୍କର ଗସ୍ତ ଅବସରରେ ଉପରାଷ୍ଟ୍ରପତି ବ୍ରହ୍ମାମନ୍ଦିର ଏବଂ ଜାଠ୍ ଶିବ ମନ୍ଦିର ପରିଦର୍ଶନ କରିଛନ୍ତି।

## ବାଂଲାଦେଶ– ମହମ୍ମଦ ୟୁନିସ୍

ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ସମ୍ବିଧାନରେ ଧର୍ମନିରପେକ୍ଷତାକୁ ପ୍ରତ୍ୟାହାର କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି। ବାଂଲାଦେଶ ହାଇକୋର୍ଟରେ ସମ୍ବିଧାନ ସଂଶୋଧନର ବୈଧତା ସଂକ୍ରାନ୍ତ ଏକ ମାମଲାରେ ଆଟର୍ଣ୍ଣି ଜେନେରାଲ ମହମ୍ମଦ ଅସଦୁଜମାନ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି କହିଛନ୍ତି, ଧର୍ମନିରପେକ୍ଷତା ବାଂଲାଦେଶର ବାସ୍ତବତାକୁ ପ୍ରତିଫଳନ କରେନାହିଁ। କାରଣ ଦେଶରେ ୯୦ ପ୍ରତିଶତରୁ ଅଧିକ ମୁସଲମାନ ଜନସଂଖ୍ୟା ରହିଛି। ସମାଜବାଦ, ବଙ୍ଗୀୟ ଜାତୀୟତାବାଦ ଏବଂ ଶେଖ୍ ମୁଜିବର ରେହମାନଙ୍କ  ଜାତିର ପିତା ମାନ୍ୟତାକୁ ପ୍ରତ୍ୟାହାର କରିବା ପାଇଁ ସେ ଯୁକ୍ତି ଉପସ୍ଥାପନ କରିଛନ୍ତି। ବାଂଲାଦେଶର ସ୍ୱାଧୀନତାରେ ମୁଜିବର ରେହମାନଙ୍କ ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ ବୋଲି ବୋଲି ଉଲ୍ଲେଖ କରି ଅଟର୍ଣ୍ଣି ଜେନେରାଲ ହାଇକୋର୍ଟରେ କହିବା ସହ ସମ୍ବିଧାନର ପଞ୍ଚଦଶ ସଂଶୋଧନରେ ଏଭଳି ଉପାଧି ଲାଗୁ କରିବା ମୂଳଭାବନାଠାରୁ ବିଚ୍ଛିନ୍ନ ହେଉଛି ବୋଲି ଯୁକ୍ତି ଉପସ୍ଥାପନ କରିଛନ୍ତି। ବଙ୍ଗଳା ଜାତୀୟତାବାଦ ପ୍ରସଙ୍ଗରେ ସେ କହିଛନ୍ତି,

ଏହା ନାଗରିକଙ୍କ ମଧ୍ୟରେ ଅନାବଶ୍ୟକ ବିଭାଜନକୁ ପ୍ରୋତ୍ସାହନ ପ୍ରଦାନ କରୁଛି। କୌଣସି ଦେଶରେ ଜାତୀୟ ପରିଚୟ ପାଇଁ ଭାଷାକୁ ଆଧାର ଭାବରେ ବ୍ୟବହାର କରାଯାଉ ନାହିଁ ବୋଲି ସେ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଛନ୍ତି। ଏହି ମାମଲାର ଶୁଣାଣି ବେଳେ କାର୍ଯ୍ୟନିର୍ବାହୀ ସରକାରୀ ବ୍ୟବସ୍ଥାର ଉଚ୍ଛେଦକୁ ଆଟର୍ଣ୍ଣି ଜେନେରାଲ ତୀବ୍ର ବିରୋଧ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୧ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାର ସମ୍ବିଧାନର ପଞ୍ଚଦଶ ସଂଶୋଧନ ମାଧ୍ୟମରେ କାର୍ଯ୍ୟନିର୍ବାହୀ ସରକାରୀ ବ୍ୟବସ୍ଥାକୁ ଉଚ୍ଛେଦ କରିଥିଲେ।

## କଟକ ବାଲିଯାତ୍ରା- ବୋଇତ ବନ୍ଦାଣ

ଓଡ଼ିଶାରେ ପାଳନ କରାଯାଉଥିବା ଧର୍ମର ମାସ କାର୍ତ୍ତିକ ଆସନ୍ତାକାଲି ପୂର୍ଣ୍ଣମୀରେ ଶେଷ ହେବ। ରାଜ୍ୟରେ କାର୍ତ୍ତିକ ପୂର୍ଣ୍ଣମୀ ସହ ଆସନ୍ତାକାଲି ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ସ୍ମୃତିରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯିବ । ଶ୍ରୀକ୍ଷେତ୍ର ପୁରୀରେ କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ଆସନ୍ତାକାଲି ମହାପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହେବ। ଶ୍ରୀଜୀଉଙ୍କ ଦର୍ଶନ ସହ ମହୋଦଧି ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ଲାଗି ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

କଟକରେ ଆସନ୍ତାକାଲିଠାରୁ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ନ ସାଢ଼େ ୫ଟାରେ ବାଲିଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ବାଲିଯାତ୍ରାର ଉପର ଓ ତଳ ପଡ଼ିଆରେ ୨୫ ଶହରୁ ଅଧିକ ଛୋଟବଡ଼ ଷ୍ଟଲ୍ ସ୍ଥାନ ପାଇଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ମହାରାଷ୍ଟ୍ର କ୍ୟାମ୍ପେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତକୁ ବିକଶିତ ମାର୍ଗରେ ନେବା ପାଇଁ ମହାରାଷ୍ଟ୍ର ନେତୃତ୍ୱ ନେବା ଉଚିତ୍। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଅନେକ ଆଧୁନିକ ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମରାଠାୱାଡ଼ାର ଛତ୍ରପତି ଶାମ୍ଭାଜୀ ନଗର ଜିଲ୍ଲାରେ ଏକ ନିର୍ବାଚନୀ ର୍‍ୟାଲୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସେହି ଅଞ୍ଚଳ ପାଇଁ ୭୦ ହଜାର କୋଟିରୁ ଅଧିକ ପୁଞ୍ଜିନିବେଶ ଲକ୍ଷ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଇତିମଧ୍ୟରେ ମରାଠାୱାଡ଼ା ୪୫ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇସାରିଛି ବୋଲି ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି - ଏପି ନେତା ଅଜିତ ପାୱାର ଡିଣ୍ଡୋରିଠାରେ ନିର୍ବାଚନ ର୍‍ୟାଲିରେ ମହାୟୁତି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଇଗତପୁରୀରେ ନିର୍ବାଚନ ର୍‍ୟାଲିରେ ପ୍ରଚାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏନ୍‌ସିପି (ଏସ୍‌ପି ମୁଖ୍ୟ)

ଶରତ ପାୱାର ପୁଣେ ଜିଲ୍ଲାରେ ଏବଂ ଶିବସେନା- ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ ଅହଲ୍ୟା ନଗର ଜିଲ୍ଲାର ଶ୍ରୀଗୋଣ୍ଡାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ନନ୍ଦୁରବାର ଜିଲ୍ଲାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରି କହିଛନ୍ତି, ରାଜ୍ୟରେ ସରକାର ଗଢ଼ିଲେ ମହାବିକାଶ ଅଘାଡ଼ି ମେଣ୍ଟ ତାର ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବ ।

# କର୍ମଯୋଗୀ ଶପଥ

ସମଗ୍ର ଦେଶରେ ଦକ୍ଷତା ବିକାଶ ଏବଂ ନିରନ୍ତର ଶିକ୍ଷାର ଭାବନାକୁ ଏକଜୁଟ୍ କରିବାକୁ କର୍ମଯୋଗୀ ଅଭିଯାନ ବିଶେଷ ଫଳପ୍ରଦ ହୋଇଛି ବୋଲି କାର୍ମିକ, ଲୋକ ଅଭିଯୋଗ ଏବଂ ପେନସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି । ନୂଆଦିଲ୍ଲୀଠାରେ କର୍ମଯୋଗୀ ସପ୍ତାହର ଆଜି ଉଦ୍‌ଯାପନ ସମାରୋହକୁ ସମ୍ବୋଧନ କରି ଡକ୍ଟର ସିଂ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଶିକ୍ଷା ସପ୍ତାହ ପାଳନ ପରାମର୍ଶ ଦେଇଥିଲେ । ଆଧୁନିକ ଜ୍ଞାନକୌଶଳ, ପରିବର୍ତ୍ତିତ ପରିସ୍ଥିତି ଗୁଡ଼ିକ ସହ ଜଡ଼ିତ ହେବା ପାଇଁ ପାଠପଢ଼ା ପ୍ରକ୍ରିୟାକୁ ଜାରି ରଖିବା ଉଦ୍ଦେଶ୍ୟରେ ଏହି ସପ୍ତାହ ପାଳନ କରାଯାଇଥିଲା ବୋଲି ସେ କହିଛନ୍ତି ।

ଦକ୍ଷତା ବିକାଶ ଆୟୋଗର ଅଧ୍ୟକ୍ଷ ଆଦିଲ ଜୈନୁଲଭାଇଙ୍କ କହିଛନ୍ତି, ୱେବିନାର, କର୍ମଶାଳା ଆଦି ମାଧ୍ୟମରେ ସରକାରୀ କର୍ମଚାରୀମାନେ ଜୀବନବ୍ୟାପୀ ଶିକ୍ଷା ପ୍ରତିବଦ୍ଧତାକୁ ଗ୍ରହଣ କରିଛନ୍ତି । ଗତମାସ ୧୯ରୁ ୨୭ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଅନୁଷ୍ଠିତ କର୍ମଯୋଗୀ ଅଭିଯାନରେ କେନ୍ଦ୍ର

ସରକାରୀ କର୍ମଚାରୀ  ମିଳିତ ଭାବେ ଶିକ୍ଷା ଏବଂ ଅଭିବୃଦ୍ଧିର ଯାତ୍ରାରେ ବ୍ରତୀ ହୋଇଥିଲେ । ଏହି ସପ୍ତାହ ମାଧ୍ୟମରେ କନିଷ୍ଠଠୁ ବରିଷ୍ଠ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ପରିବର୍ତ୍ତିତ ବିଶ୍ୱ ପାଇଁ ପ୍ରସ୍ତୁତି ଏବଂ ଦକ୍ଷତାକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଶିକ୍ଷା ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ, ଗତମାସ ୧୯ ତାରିଖରେ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ କର୍ମଯୋଗୀ ସପ୍ତାହର ଶୁଭାରମ୍ଭ କରିଥିଲେ ।

# ୱିମେନ୍ସ ହକି

ମହିଳା ଏସିଆନ୍ ହକି ଚାମ୍ପିଅନସିପ୍ ଟ୍ରଫି-୨୦୨୪ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟକୁ ଭାରତ ଉନ୍ନୀତ ହୋଇଛି । ବିହାରର ରାଜଗିରିଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଭାରତ     ’ ଥାଇଲାଣ୍ଡକୁ ୧୩-୦ ଗୋଲ୍‌ରେ ପରାସ୍ତ କରିଛି । ଭାରତ ଖେଳିଥିବା ତିନୋଟି ଯାକ ମ୍ୟାଚ୍ ଜିତି ୯ ପଏଣ୍ଟ ସହ ସେମିଫାଇନାଲ ପର୍ଯ୍ୟାୟରେ ପହଁଞ୍ଚିଛି । ଦକ୍ଷିଣ କୋରିଆକୁ ୩-୨ ଗୋଲ୍‌ରେ ଏବଂ ମାଲେସିଆକୁ ୪-୦ ଗୋଲ୍‌ରେ ଭାରତ ପରାସ୍ତ କରିଥିଲା ।

ଅନ୍ୟ ଏକ ମ୍ୟାଚ୍‌ରେ ମାଲେସିଆ’ ଦକ୍ଷିଣ କୋରିଆକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଏଥିସହ ଏହି ଟୁର୍ଣ୍ଣାମେଣ୍ଟରେ ମାଲେସିଆ

ପ୍ରଥମ ବିଜୟ ହାସଲ କରିଛି। ସେହିଭଳି ଚୀନ୍ ଜାପାନ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରିଛି।